ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/Commerce and Transport(OD)/1115/24-01-2021

# ଆଜିଠାରୁ ନୂତନ ଭାବେ ଭୁବନେଶ୍ୱରଠାରୁ ପୁନେ ପର୍ଯ୍ୟନ୍ତ ସିଧାସଳଖ ବିମାନ ସେବା ଆରମ୍ଭ

## ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରର ଅଭିବୃଦ୍ଧି ସହ ଅର୍ଥନୈତିକ ବିକାଶରେ ସହାୟକ ହେବ : ମନ୍ତ୍ରୀ ଶ୍ରୀ ବେହେରା

ଭୁବନେଶ୍ୱର, ତା.୨୪/୦୧/୨୦୨୧

ଆଜିଠାରୁ ଭୁବନେଶ୍ୱରରୁ ପୁନେକୁ ନୂତନ ଭାବେ ସିଧା ବିମାନସେବା ଆରମ୍ଭ ହୋଇଛି । ଏହାର ଏସିଆ (ଇଣ୍ଡିଆ) ଲିଃ ଦ୍ୱାରା ପରିଚାଳିତ ଏହି ସେବାକୁ ଯୋଜନା ଓ ସଂଯୋଜନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ଭୁବନେଶ୍ୱର ବିମାନ ବନ୍ଦରଠାରେ ଶୁଭାରମ୍ଭ କରିଛନ୍ତି । ଏହା ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିବା ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି । ଦୁଇ ସହରର ବିମାନ ଯାତ୍ରା ଆଶାୟୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ସେ ମତପ୍ରକାଶ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ମଧୁସୂଦନ ପାଢ଼ୀ, ଏୟାର ଏସିଆ (ଇଣ୍ଡିଆ) ଲିଃର ବାଣିଜ୍ୟିକ ମୁଖ୍ୟ ଶ୍ରୀ ଅଙ୍କୁର ଗର୍ଗ, ଗ୍ରାଉଣ୍ଡ ଅପରେସନ୍ ମୁଖ୍ୟ ଶ୍ରୀ ସଲିମ୍ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ବିମାନ ଭୁବନେଶ୍ୱର ବିମାନ ବନ୍ଦରରୁ ଅପରାହ୍ନ ୧.୫୦ରେ ଛାଡ଼ି ପୁନେଠାରେ ଅପରାହ୍ନ ୩.୫୫ରେ ପହଞ୍ଚିବ ଏବଂ ପୁନେଠାରୁ ଅପରାହ୍ନ ୪.୩୫ରେ ଛାଡ଼ି ଭୁବନେଶ୍ୱରରେ ସନ୍ଧ୍ୟା ୬.୪୦ରେ ପହଞ୍ଚିବ । ପ୍ରତି ସପ୍ତାହରେ ଶନିବାର ବ୍ୟତୀତ ଅନ୍ୟ ଛ'ଦିନ ଏହି ବିମାନସେବା ଉପଲବ୍ଧ ହେବ ବୋଲି ଏୟାରଏସିଆ (ଇଣ୍ଡିଅ) ଲିଃ ସୂତ୍ରରୁ ପ୍ରକାଶ ।

ବିଶ୍ୱଜିତ ଦାଶ
ସୂଚନା ଅଧିକାରୀ